ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ଜୁନ୍, ୨୦୨୧



## କରୋନାରେ ଯୁବକଙ୍କ ମୃତ୍ୟୁ

ରାଜନଗର,(ଡି.ଏନ.ଏ.):ରାଜନଗର ଥାନା ଅନ୍ତର୍ଗତ କେରେଡାଗଡ ଗାଁର ଯୁବକ ଧୀରେନ କୁମାର ବାରିକ କରୋନାରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ କେରେଡାଗଡ ଜଗନ୍ନାଥ ବଜାର ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ଅରୁଣ କୁମାର ସାହୁ, ମନମୋହନ ବେହେରା, ସର୍ବେଶ୍ୱର, ଉମେଶ, ବୁଦ୍ଧାନନା, କଳ୍ପତରୁଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକବ୍ୟକ୍ତ କରିବା ସହିତ ୨ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା।

**ସଂକ୍ଷେପରେ**

### ରାତ୍ରିରେ ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ

ରାଜନଗର,୧୩।୬(ଡି.ଏନ.ଏ.): ରାଜନଗର ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତ ରିଘାଗଡ ଗାଁର ଦୁଇ ପଡୋଶୀଙ୍କ ମଧ୍ୟରେ ଗାଁ ଦାଣ୍ଡରେ ପରିସ୍ରା ବସିବାକୁ ନେଇ ଶନିବାର ରାତ୍ରି ୧୧ଟାରେ ସଂଘର୍ଷ ଘଟିଥିଲା। ଏଥିରେ ସ୍ୱାମୀ, ସ୍ତ୍ରୀଙ୍କୁ ପଡୋଶୀ ଆକ୍ରମଣ କରିଥିଲେ। ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ ମାରିବା ନେଇ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ରିଘାଗଡ ଗାଁର ମନୋଜ ପରିଡା ସ୍ତ୍ରୀ ବାସନ୍ତୀ ରାତ୍ରି ୧୧ଟାରେ ଦାଣ୍ଡକୁ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ତାଙ୍କ ପଡୋଶୀ ସେଠାରେ ପହଞ୍ଚି ମନୋଜଙ୍କୁ ଗାଳିଗୁଲଜ କରିବା ସହ ମୋ ଦାଣ୍ଡରେ ପରିସ୍ରା କାହିଁକି କରୁଛୁ ବୋଲି କହି ମାଡ ମାରିଥିଲେ। ସ୍ୱାମୀଙ୍କ ପାଟି ଶୁଣି ସ୍ତ୍ରୀ ବାସନ୍ତୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ପଡୋଶୀ ଜଣକ ତାଙ୍କ ସହଯୋଗୀଙ୍କ ସହ ମିଶି ମନୋଜଙ୍କୁ ମାଡ ମାରିଥିଲେ। ମୋ ସମ୍ବେଦନଶୀଳ ସ୍ଥାନକୁ ଗୋଇଠା ମାରିବା ସହ ତଣ୍ଟି ଚିପି ଆମକୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ଶାଶୁ, ଶ୍ୱଶୁର ସେଠାରେ ପହଞ୍ଚି ପଡୋଶୀ ଓ ସହଯୋଗୀମାନଙ୍କୁ ଧରିବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ବାସନ୍ତୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ, ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ରଜ ପାଇଁ ଚଣ୍ଡିଖୋଲ ବଜାର ୨ଦିନ ଶଟ୍‌ଡାଉନ୍

ଚଣ୍ଡିଖୋଲ,୧୩।୬(ଡି.ଏନ.ଏ.): ବଡଚଣା ବ୍ଲକ୍ ଚଣ୍ଡିଖୋଲ ଛକର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ସୋମବାର ଓ ମଙ୍ଗଳବାର ଦୁଇ ଦିନ ବନ୍ଦ ରହିବ ବୋଲି ସୁଙ୍ଗୁଡା ପଞ୍ଚାୟତର ସରପଞ୍ଚ ଚାଟାଲିନ ସ୍ୱାଇଁ ଘୋଷଣା କରିଛନ୍ତି। ରଜ ଉପଲକ୍ଷେ ଚଣ୍ଡିଖୋଲ ବଜାରରେ ପ୍ରବଳ ଭିଡ଼ ହେବାର ଆଶଙ୍କା କରି ଦୁଇ ଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। କିଛିଦିନ ହେଲା ସୁଙ୍ଗୁଡା ପଞ୍ଚାୟତରେ କରୋନା ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଉଛି। ଶନିବାର ସୁଦ୍ଧା ପଞ୍ଚାୟତରେ ପଜିଟିଭ୍ ସଂଖ୍ୟା ୧୦୦ ହୋଇଛି। ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ଯାଜପୁର ଜିଲାପାଳ ଓ ବଡଚଣା ବିଡିଓଙ୍କ ସହ ଆଲୋଚନା କରିଥିଲେ। ଶେଷରେ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ସରପଞ୍ଚ ସ୍ୱାଇଁ ରବିବାର ଡାକବାଜି ଯନ୍ତ୍ରରେ ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଛନ୍ତି।

### ନିଆରା ଢଙ୍ଗରେ ଜନ୍ମଦିନ ପାଳନ

ରାଜନଗର,୧୩।୬(ଡି.ଏନ.ଏ.): କରୋନାର ଭୟାବହତା ଭିତରେ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ତାଳଚୁଆ ସାମୁଦ୍ରିକ ଥାନାର କର୍ତ୍ତବ୍ୟରତ ରାଇଟର ଅରୁଣ କୁମାର ସାହୁ। ସାହୁ ରବିବାର ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ରାଜନଗରର ଉପାନ୍ତ ତାଳଚୁଆ, ଡାଙ୍ଗମାଳ, ଖମାରସାହି, ରଙ୍ଗଣୀ, କେରୁଆଁପାଳ, ବାଘମାରୀ ପ୍ରଭୃତି ଅଞ୍ଚଳକୁ ଯାଇଥିଲେ। ସେଠାରେ ବର୍ଷ ବର୍ଷ ଧରି ବୁଲୁଥିବା ବେସାହାରା ମାନସିକ ବିକୃତ ବ୍ୟକ୍ତିଙ୍କର ଦାଢ଼ି, ଚୁଟି କାଟିବା ସହ ଗାଧୋଇ ସଫା ସୁତୁରା କରି ନୂତନ ବସ୍ତ୍ର ପିନ୍ଧାଇ ଖାଦ୍ୟ ଖୁଆଇ ଦେଇଥିଲେ। ତାଙ୍କର ଏହି କାର୍ଯ୍ୟ ଯୁବ ସମାଜ ପାଇଁ ଏକ ନିଆରା ବାର୍ତ୍ତା ଦେଇଛି। ସଙ୍ଗଠନର ଅଭିଜିତ ଦାସ, ଯଶୋବନ୍ତ ସିଂ, ରବୀନ୍ଦ୍ର ସିଂ, ପ୍ରଭୁଜୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ନଦୀଭିତ୍ତିକ ବନ୍ଦର ସ୍ୱପ୍ନ

- ନିର୍ମାଣ ଅପେକ୍ଷାରେ ଅଢ଼େଇ ବର୍ଷ
- ୨୦୧୮ରେ ମୁଖ୍ୟମନ୍ତ୍ରୀ କରିଥିଲେ ଘୋଷଣା
- ବାର୍ଷିକ ୧୮ ନିୟୁତ ଟନ୍ ପଣ୍ୟ ପରିବହନ ଥିଲା ପ୍ରସ୍ତାବ

କେନ୍ଦ୍ରାପଡ଼ା ଅଫିସ, ୧୩।୬

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡାଶାଳି ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ହେବ। ପବ୍ଲିକ୍-ପ୍ରାଇଭେଟ୍-ପାର୍ଟନରଶିପ୍ (ପିପିପି) ମୋଡ୍‌ରେ ପାରାଦୀପ ପୋର୍ଟ ଏହାର ଉନ୍ନତୀକରଣ କରିବ। ୨୦୨୦ ଡିସେମ୍ବରରେ ଏହି ସ୍ଥାନକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ଗସ୍ତ ଓ ଏମ୍‌ଓୟୁ ପାଇଁ ରାଜ୍ୟ ସରକାରଙ୍କ ସହିତ ଗତ ମାର୍ଚ୍ଚରେ ଆର୍ସେଲର ମିତଲ ସହ କଥାବାର୍ତ୍ତା ଜିଲାବାସୀଙ୍କ ମନରେ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଶା ସଞ୍ଚାର କରିଥିଲା। ଏହା ପୂର୍ବରୁ ଏଠାରେ ବନ୍ଦର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୮ରେ ଏହି ଜିଲା ଗସ୍ତ ଅବସରରେ ଘୋଷଣା କରିଥିଲେ। ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଜୁଲାଇରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବନ୍ଦର ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ସେହିପରି ବାର୍ଷିକ ୧୮.୪୩ ନିୟୁତ ଟନ୍ ପଣ୍ୟ କାରବାର ହେବ ବୋଲି ପ୍ରସ୍ତାବ ରହିଥିଲା।


ଆଖଡ଼ାଶାଳିରେ ପ୍ରସ୍ତାବିତ ବନ୍ଦର ସ୍ଥାନ।

ରାଜ୍ୟ ସରକାରଙ୍କ ବୈଠକକୁ ୩ ବର୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ଅଢ଼େଇ ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣକୁ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଏହି ନଦୀଭିତ୍ତିକ ବନ୍ଦର ନିର୍ମାଣ ନିର୍ବାଚନ ପୂର୍ବର ବରୁଣେଇ ବନ୍ଦର, ପାୱାର ପ୍ଲାଣ୍ଟ ପ୍ରତିଷ୍ଠା, କେନ୍ଦ୍ରାପଡ଼ା ସହରକୁ ଗୁଡ଼୍‌ଗାଁଓ ପରି ଗଢ଼ି ତୋଳିବା ପ୍ରତିଶ୍ରୁତି ପରି ମିଳେଇ ଯାଉଛି ବୋଲି ସ୍ଥାନୀୟ ଜିଲାବାସୀ ମତ ଦେଇଛନ୍ତି।

ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ସାମାଜିକ କର୍ମୀ ଗୟାଧର ଧଳ, ସୁନୀଲ କୁମାର ଗନ୍ତାୟତ, ସୁଶୀଲ କୁମାର ରାଉତ ପ୍ରମୁଖ କହିଛନ୍ତି, ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ଥିବା କେନ୍ଦ୍ରାପଡ଼ା ଜିଲାକୁ ସର୍ବଦା ଅବହେଳା କରାଯାଇଛି। ଲୋକସମ୍ବଳ ବିନିଯୋଗ ପାଇଁ ସୁଚିନ୍ତିତ ଯୋଜନା ନାହିଁ। ତେବେ ରାଜନେତାମାନେ ଏଠାରେ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ। ୨୦୦୯ରେ ଉପାନ୍ତ ଅଞ୍ଚଳରେ ଥିବା ବରୁଣେଇଠାରେ ବନ୍ଦର ହେବ ବୋଲି ପ୍ରତିଶ୍ରୁତି ମିଳିଲା। ସେହିପରି ୨୦୧୪ରେ କେନ୍ଦ୍ରାପଡ଼ା ସହରର ବିକାଶ ସହିତ ମାର୍ଶାଘାଇ ବ୍ଲକ ଅଳାଇଲୋଠାରେ ପାୱାର ପ୍ଲାଣ୍ଟ ପାଇଁ ଘୋଷଣା ନିର୍ବାଚନ ପୂର୍ବରୁ ହେଲା। ଏହି ଦୁଇ ପ୍ରକଳ୍ପ ଆରମ୍ଭ ପୂର୍ବରୁ ବନ୍ଦ ହୋଇଥିବା ବେଳେ ୨୦୧୯ ନିର୍ବାଚନ ପୂର୍ବରୁ ଆଖଡାଶାଳି ବନ୍ଦର ପ୍ରକଳ୍ପର ଘୋଷଣା ହେଲା। ଏହି ପ୍ରତିଶ୍ରୁତି ପାଳନ ପାଇଁ ରାଜନେତା ଓ ପ୍ରଶାସକଙ୍କ କସରତ ନିର୍ବାଚନ ପରେ ଦେଖିବାକୁ ମିଳିଥିଲା। ପାରାଦୀପ ପୋର୍ଟ ସହଯୋଗରେ ଆଖଡାଶାଳିର ଉନ୍ନତୀକରଣ ଓ ଆର୍ସେଲର ମିତଲ ସହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ ହେଉଥିବା ଆଲୋଚନା ହେଲା। ଏପରିକି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବନ୍ଦର ପ୍ରତିଷ୍ଠା ହେବ ବୋଲି ଜିଲା ଗସ୍ତରେ ଆସି ଦୃଢ଼ ପ୍ରତିଶ୍ରୁତି ଦେଇଗଲେ। ଇଣ୍ଡଷ୍ଟ୍ରିଆଲ କରିଡର ପାଇଁ ହୋଇଥିବା ଏହି କସରତର ଫଳ ଜିଲାବାସୀଙ୍କ ପାଇଁ ଏବେବି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିତଲଙ୍କ ଇସ୍ପାତ କାରଖାନା କେଉଁଠି ହେବ, ଏହାର ନିର୍ମାଣ କାର୍ଯ୍ୟ କେବେଠାରୁ ଆରମ୍ଭ ହୋଇ ଶେଷ ହେବ, କଞ୍ଚାମାଲ କେଉଁଠୁ ଆସିବ, କାରଖାନାରୁ କେବେ ଉତ୍ପାଦ ବାହାରିବ ଆଦି ପ୍ରଶ୍ନର ଉତ୍ତର ଅଦ୍ୟାବଧି ଜିଲାବାସୀ ପାଇ ପାରୁନାହାନ୍ତି। ଏହି ବନ୍ଦର ପ୍ରତିଷ୍ଠା ହୋଇଥିଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜିଲାର ୧୫ ହଜାରରୁ ଅଧିକ ଲୋକଙ୍କୁ କର୍ମନିଯୁକ୍ତି ମିଳିବାର ଆଶା ଥିଲା ବୋଲି ସେମାନେ ମତ ଦେଇଛନ୍ତି।

# ଅଣ୍ଡାକୁ ଶତ୍ରୁ କବଳରୁ ଜଗିଛି ମା' କୁମ୍ଭୀର

## ନଦୀ କୂଳ ହେନ୍ତାଳ, ଖରି ଗଛ ପତ୍ରରେ କୁମ୍ଭୀର ବସା

ମହାକାଳପଡ଼ା,୧୩।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ନଦୀ ଓ ଯୋର ଆଦି ସ୍ଥାନରେ କୁମ୍ଭୀରଙ୍କ ଚଳପ୍ରଚଳ ଦେଖିବାକୁ ମିଳିଥାଏ। ବିଶେଷକରି ଉପକୂଳ ଅଞ୍ଚଳର ନଦୀକୂଳ ଘଞ୍ଚ ବୁଦା ମୂଳେ କୁମ୍ଭୀର ଅଣ୍ଡା ଦେଇଥାନ୍ତି। ମା' କୁମ୍ଭୀର ସନ୍ତସନ୍ତିଆ, ଘଞ୍ଚ ବୁଦା ମୂଳ ଉଚ୍ଚ ସ୍ଥାନରେ ହେନ୍ତାଳ, ଖରି ଗଛ ପତ୍ର କାଠି କୁଟା ଓ ଘାସକୁ ସଂଗ୍ରହ କରି ଦୁଇ ଫୁଟ୍ ଉଚ୍ଚରେ ସଜେଇ ରଖି ତାହା ଭିତରେ ଅଣ୍ଡା ଦେଇଥାଏ। କାଉ, କୁକୁର, ବିଲୁଆ ଆଦି ଯନ୍ତୁମାନଙ୍କଠାରୁ ଦୂରେଇ ରଖିବାକୁ ବସା ମଧ୍ୟରେ ଅଣ୍ଡାକୁ ସୁରକ୍ଷିତ ଭାବେ ରଖିଥାଏ। ଏହାର କିଛି ଦୂରରେ ମା' କୁମ୍ଭୀର ଅଣ୍ଡାକୁ ଶତ୍ରୁ କବଳରୁ ରକ୍ଷା ପାଇଁ ଜଗି ରହିଥାଏ। ଯଦି କିଏ ଅଣ୍ଡା ଦେଇଥିବା ବସା ପାଖକୁ ଯାଏ ଜଗି ରହିଥିବା ମା' କୁମ୍ଭୀର ଅତର୍କିତ ଆକ୍ରମଣ କରିଥାଏ। ଏହି ସମୟରେ କୁମ୍ଭୀର ଅଧିକ ହିଂସ୍ର ହୋଇଥାନ୍ତି। ନଦୀର ସନ୍ତସନ୍ତିଆ, ପାଣି ଗଡାଣି ସ୍ରୋତରେ କୁମ୍ଭୀର ଆଶ୍ରୟ ନିଅନ୍ତି। ବର୍ଷର ଜୁନ୍, ଜୁଲାଇରେ କୁମ୍ଭୀର ପ୍ରଜନନ ସମୟ ହୋଇଥାଏ। ବ୍ଲକର ଅରଡ, ଏକଲପୁର ନିକଟ ଗୋବରୀ ନଦୀ କୂଳ, ରାମଚଣ୍ଡୀ ଗଳିଆ ନଦୀ କୂଳ ଘଞ୍ଚ ବୁଦା ମୂଳେ ମା' କୁମ୍ଭୀର ସୁରକ୍ଷିତ ସ୍ଥାନ ଭାବି ବସା ବାନ୍ଧିଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଏହି ବସାରୁ କିଛି ଅଣ୍ଡାକୁ ବିଲୁଆ, କୁକୁର, କାଉ ନେଇ ଯାଉଛନ୍ତି। ବନ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ କୁମ୍ଭୀରଙ୍କ ବସା ଠାବ କରି ଗଣନା କରାଯାଏ। ବ୍ଲକର ଗୋବରୀ, ଲୁଣା, ରାମଚଣ୍ଡୀ ଗଳିଆ ନଦୀ, ବତୀଘର ଟୁବି ଓ ଖୋଳା ନଦୀ ସମେତ ମହାନଦୀ ତଳିଆ ନଦୀ ଯୋର, ନାଳ ଆଦି ସନ୍ତସନ୍ତିଆ ସ୍ଥାନରେ କୁମ୍ଭୀର ଆଡ୍ଡା ଜମାଇଛନ୍ତି। ସାଧାରଣତଃ ଏହି ଅଞ୍ଚଳରେ ବଉଳା ଜାତୀୟ କୁମ୍ଭୀର ଦେଖିବାକୁ ମିଳିଥାଏ। ଅନେକ ସମୟରେ ଏହି କୁମ୍ଭୀରମାନେ ଛେଳି, ମେଣ୍ଢା, ଗାଈ, ମଇଁଷି ଓ ମଣିଷଙ୍କୁ ଆକ୍ରମଣ କରିଥାନ୍ତି। ସ୍ଥାନୀୟ ଲୋକ ନଦୀ ମଧ୍ୟରେ ମାଛ ଧରିବା ସମୟରେ କୁମ୍ଭୀର ଆକ୍ରମଣର ଶିକାର ହେଉଥିବା ନଜିର ରହିଛି।


ରାମଚଣ୍ଡୀ ଗଳିଆ ନଦୀ ଘଞ୍ଚ ବୁଦା ମୂଳେ କୁମ୍ଭୀର ବସା। ବାହାରେ ପଡିଥିବା ଅଣ୍ଡା (ଇନ୍‌ସେଟ)।

# ଡାକ୍ତରଙ୍କ ଆକାଉଣ୍ଟରୁ କାଟି ନେଲେ ୧୦ ଲକ୍ଷ

- ସାଇବର ଠକେଇର ଶିକାର
- କଟକ ସାଇବର ସେଲ୍‌ର ଦ୍ୱାରସ୍ଥ

ଆଳି,୧୩।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯୁବ ଡାକ୍ତର ବାଦଲ କୁମାର ମହାନ୍ତି ସାଇବର ଠକଙ୍କ ଶିକାର ହୋଇଛନ୍ତି। ଆଳି ଥାନା ଅନ୍ତର୍ଗତ ବଡାମ୍ବିଳା ଗାଁର ଡା. ବାଦଲ ବିଟ୍ କଏନ ନାମକ ଏକ ଠକ ସଂସ୍ଥାର ମେସେଜ୍‌ରେ ପ୍ରଲୋଭିତ ହୋଇ ନିଜ ଘର ତିଆରି ପାଇଁ କରିଥିବା ଋଣ ଟଙ୍କାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ଏ ନେଇ ସେ ଜୁନ୍ ୨ରେ କଟକ ସାଇବର ସେଲ୍‌ର ଦ୍ୱାରସ୍ଥ ହୋଇଛନ୍ତି।

କଟକ ସାଇବର ସେଲ୍‌ରେ ଅଭିଯୋଗ ଅନୁଯାୟୀ, ମେ' ୧ରେ ଡାକ୍ତର ବାଦଲଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ବିଟ୍ କଏନ ନାମକ ଏକ ସଂସ୍ଥାର ମେସେଜ୍ ଆସିଥିଲା। କମ୍ ବ୍ୟୟରେ ଅଧିକ ଅର୍ଥ ଦେବ ବୋଲି ଲୋଭ ଦେଖାଇ ଟଙ୍କା ଜମା କରିବାକୁ ତାଙ୍କୁ ସେହି ମେସେଜ୍‌ରେ ପ୍ରଲୋଭିତ କରାଯାଇଥିଲା। ୧୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରା ଅନୁଯାୟୀ ୯୦୦୦ ଟଙ୍କା ଦେଲେ ୧୩୦୦ ଡଲାର(୧ଲକ୍ଷ)ଟଙ୍କା ମିଳିବ ବୋଲି ମେସେଜ ଆସିଥିଲା। ପରେ ସେ ମେ' ୩ରେ ତାଙ୍କ ଆକାଉଣ୍ଟରୁ ୧୦୦ ଡଲାର ବା ୯ ହଜାର ଟଙ୍କା ଉକ୍ତ କମ୍ପାନୀ ଆକାଉଣ୍ଟରେ ଜମା କରିଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ସେହିମାସ ୯ତାରିଖରେ ୭୩ ହଜାର, ୧୦ ତାରିଖରେ ୭୩ ହଜାର,୧୧ ତାରିଖରେ ୪୫ ହଜାର,୧୭ ତାରିଖରେ ୬୦ହଜାର,୨୧ ତାରିଖରେ ୧ ଲକ୍ଷ,୨୪ ତାରିଖରେ ଦେଢ ଲକ୍ଷ,୨୭ ତାରିଖରେ ୧ ଲକ୍ଷ, ୨୮ ତାରିଖରେ ୮୩ ହଜାର, ୩୦ ତାରିଖରେ ୧ଲକ୍ଷ ୪୫ ହଜାର ସହ ଅନ୍ୟ ଚାର୍ଜକୁ ମିଶାଇ ମୋଟ ୧୦ ଲକ୍ଷ ୫୨ ହଜାର ୧୦୦ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟି ଯାଇଥିଲା। ବାରମ୍ବାର ଟଙ୍କା କଟିବା ପରେ ମଧ୍ୟ ତାଙ୍କ ଆକାଉଣ୍ଟକୁ କୌଣସି ରିଟର୍ନ ନ ଆସିବାରୁ ସେ ସମ୍ପୃକ୍ତ ସଂସ୍ଥାର ହ୍ୱାଟସ୍‌ଆପ୍ ନମ୍ବରରେ ଟଙ୍କା ପାଇଁ କହିବାରୁ ତୁମ ନାମରେ ଲିଡସ କମରସିଆଲ ନାମକ ଏକ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ଯାଇଥିବା ଜଣାଇଥିଲେ। ସେହି ବ୍ୟାଙ୍କ ମାଧ୍ୟମରେ ସେ ଟଙ୍କା ପାଇବେ ବୋଲି ସୂଚନା ଦେଇଥିଲେ। ସେହି ବ୍ୟାଙ୍କ ସହ ଯୋଗାଯୋଗ କରିବା ପରେ ଆରଟିସି ଓ ଟ୍ୟାକ୍ସ କୋଡ୍ ପାଇଁ ଆଉ ୫ଲକ୍ଷ ୫୦ ହଜାର ଟଙ୍କା ଡିପୋଜିଟ କଲେ ସୁଧ ସହ ଲାଭାଂଶ ପାଇବେ ବୋଲି ସୂଚନା ମିଳିଥିଲା। ଏଥିରେ ସନ୍ଦେହ ହେବାରୁ ସେ ଆଉ ଟଙ୍କା ଡିପୋଜିଟ କରି ନ ଥିଲେ। ଏହାପରେ ଉକ୍ତ ବ୍ୟାଙ୍କ ଓ କମ୍ପାନୀ ସମ୍ପର୍କରେ ଇଣ୍ଟରନେଟରୁ ସର୍ଚ୍ଚ କରି ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଜୁନ ୨ରେ କଟକ ସାଇବର ସେଲର ଦ୍ୱାରସ୍ଥ ହୋଇ ଠକ୍ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।



ଠକାମିର ଶିକାର ହୋଇଥିବା ଡାକ୍ତର ଓ ଫୋନକୁ ଆସିଥିବା ମେସେଜ୍।

## ମାଗଣା ରାଶନ ସାମଗ୍ରୀ ବାଟମାରଣା ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୧୩।୬

କରୋନା ମହାମାରୀର ପ୍ରଥମ ଲହରରେ ୬ ମାସ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ମାଗଣା ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ତେବେ ଏହି ରାଶନ ସାମଗ୍ରୀ ବାଟମାରଣା ହୋଇଥିବା ସୂଚନା ଅଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ ଓ ରାଶନ ସାମଗ୍ରୀ ପ୍ରଦାନ ସମ୍ପର୍କରେ ଜିଲା ପ୍ରଶାସନ ନିକଟରୁ ଦୁଇଟି ତଥ୍ୟ ମିଳିଛି। ଗୋଟିକରେ ୫୬୨ ପରିବାର ହିତାଧିକାରୀ ଭାବେ ଅର୍ଥ ନେଇନାହାନ୍ତି। ଅପରପକ୍ଷରେ ସେମାନଙ୍କ ପାଇଁ ଆସିଥିବା ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ପରିବାର ପିଛା ଅନ୍ୟୂନ ୪ ଜଣ ଲେଖା ହିସାବରେ ୬୦୦ ଟଙ୍କାର ରାଶନ ସାମଗ୍ରୀ ପ୍ରତିମାସ ପାଇବେ। ତଥ୍ୟ ଅନୁଯାୟୀ ଏହି ୬ ମାସ ମଧ୍ୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରାଶନ ସାମଗ୍ରୀ ବାଟମାରଣା ହୋଇଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ବାତ୍ୟା ବିପନ୍ନଙ୍କୁ ସହାୟତା

ରାଜନଗର, ୧୩।୬(ଡି.ଏନ.ଏ.)

ରାଜନଗର ବ୍ଲକରେ ବାତ୍ୟା ୟାସରେ ଅତିମାତ୍ରାରେ କ୍ଷୟକ୍ଷତି ହୋଇଥିଲା। ଘଡିଆମାଳ ପଞ୍ଚାୟତର ନୂଆଗାଁଠାରେ ୨୫ ଅସହାୟ ପରିବାରଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ ୧ମାସର ରାଶନ ସାମଗ୍ରୀ, ପଲିଥିନ ପ୍ରଦାନ କରିବା ସହିତ ୧୦ଜଣ ମାନସିକ ବାଧିତ, ଦୃଷ୍ଟିଶକ୍ତି ରହିତ ଓ ଶ୍ରବଣ ଶକ୍ତି ହୀନ ପୁଅ, ଝିଅଙ୍କୁ ରାଶନ ସାମଗ୍ରୀ ସହିତ ୱାଟର ଫିଲଟର ପ୍ରଦାନ କରିଥିଲେ।

# 'ଶିଶୁ ସୁରକ୍ଷା ସର୍ବାଗ୍ରେ'

ଜଗତ୍‌ସିଂହପୁର ଅଫିସ, ୧୩।୬

ଅନ୍ତର୍ଜାତୀୟ ଶିଶୁଶ୍ରମିକ ଦିବସ ପାଳନ ଅବସରରେ ଜଗତ୍‌ସିଂହପୁର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଅନଲାଇନ୍ ମାଧ୍ୟମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁନନ୍ଦା ପାଢୀ ପୌରୋହିତ୍ୟ କରି କହିଥିଲେ, ଆଜିର ଶିଶୁ କାଲିର ଭବିଷ୍ୟତ। ଶିଶୁ ସୁରକ୍ଷା ସର୍ବାଗ୍ରେ ବୋଲି କହିଥିଲେ। ଏହି ଅବସରରେ ସେ ଶିଶୁ ସୁରକ୍ଷା ବିଶେଷକରି ଶିଶୁ ଶ୍ରମିକ ଉଚ୍ଛେଦର ବିଭିନ୍ନ ଆଇନଗତ ଦିଗ ଓ ନିର୍ଦ୍ଦେଶାବଳୀ ଉପରେ ଆଲୋଚନା କରିଥିଲେ। ସମ୍ପ୍ରତି କରୋନା ମହାମାରୀ ଚିନ୍ତାର କାରଣ ପାଲଟିଛି। ଏହା କବଳରୁ କିପରି ପ୍ରତ୍ୟେକେ ରକ୍ଷା ପାଇପାରିବେ ତା ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ଯୋଗଦେଇ ଅନାଥ ଶିଶୁମାନଙ୍କ ବିଭିନ୍ନ ସୁବିଧା ଓ ଅସୁବିଧା ବିଷୟରେ ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ବିଶେଶ୍ୱରୀ ମହାନ୍ତି, ଶିଶୁ ଆଶ୍ରମ ଅଧ୍ୟକ୍ଷ ଅଞ୍ଜନେୟ ଆଚାର୍ଯ୍ୟ, ଲୋକନାଥ ଶିକ୍ଷାଶ୍ରମ ଅଧ୍ୟକ୍ଷ ଦିଲୀପ କୁମାର ଗୋଚ୍ଛାୟତଙ୍କ ସମେତ ପାରାଲିଗାଲର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।


ପାରାଦୀପ ଅଠରବାଙ୍କି ନେହେରୁବଙ୍ଗଳା ରାସ୍ତାର ପୁରୁଣା କମ୍ପ୍ଲେକ୍ସରେ ଜଣେ ମାନସିକବିକାରଗ୍ରସ୍ତ ବ୍ୟକ୍ତି ରାସ୍ତା ଗର୍ତ୍ତରେ ଜମି ରହିଥିବା ବର୍ଷାପାଣି ପିଇବାକୁ ନେଉଛନ୍ତି। ଅର୍ଥନୈତିକ ମୁଖଶାଳା ପାରାଦୀପରେ ଏହି ଦୃଶ୍ୟ ବିକାଶକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କୁମ୍ଭୀର ଝାମ୍ପି ନେଇଥିବା ମହିଳାଙ୍କ ମୃତଦେହ ଜବତ

ରାଜନଗର, ୧୩।୬(ଡି.ଏନ.ଏ.)

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ପଞ୍ଚାୟତର ଭେକ୍ଟା ଗାଁର ଉମାରାଣୀ ପରିଡା (୪୯) ଯୋରକୁ ଶନିବାର ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଝାମ୍ପି ନେଇଥିଲା। ଗ୍ରାମବାସୀ ଓ ବନ ବିଭାଗ ଡଙ୍ଗା ଓ ବୋଟ ସାହାଯ୍ୟରେ ଖୋଜାଖୋଜି କରିବା ପରେ ସନ୍ଧ୍ୟାରେ ଉମାରାଣୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରବିବାର ପଠାଇଥିଲା।

# ଜମିରୁ ନିଷ୍କାସନ ହେଉନି ପାଣି: ଚାଷକାର୍ଯ୍ୟ ବାଧାପ୍ରାପ୍ତ

- ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ
- ବାତ୍ୟା ପରଠୁ ଶତାଧିକ ଏକର ଚାଷ ଜମି ଜଳମଗ୍ନ
- ମାଟି ପକାଇ ନିଷ୍କାସନ ବାଟ ଅବରୋଧ କରାଯାଇଛି

ନାଉଗାଁ,୧୩।୬(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର-ବାଲିଭଉଁରୀ ମୁଖ୍ୟରାସ୍ତାର ସାଧୁଗୋସ୍ୱାମୀ ନିକଟସ୍ଥ ଶତାଧିକ ଏକର ଚାଷ ଜମିରେ ବର୍ଷା ପାଣି ଜମି ରହିଛି। ଏସବୁ ଜମିରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରି ଶନିବାର ତହସିଲଦାରଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାତ୍ୟା 'ୟାସ' ସମୟରେ ହୋଇଥିବା ବର୍ଷା ପରଠୁ ସେଠାରୁ ପାଣି ନିଷ୍କାସିତ ହୋଇ ପାରୁନାହିଁ। ଫଳରେ ବ୍ଲକର ନାଉଗାଁ, ସାରେଇକୁଳ, ବଛାଳୋ, ବିଲିପଡ଼ା, ଶିଖର, ଅରସ, କୁଣ୍ଡିଗାଁ ଓ ଅଲଣା ଆଦି ଗ୍ରାମର ଚାଷ ଜମିଗୁଡ଼ିକ ଜଳମଗ୍ନ ହୋଇ ରହିଛି। ଏଥିଯୋଗୁ ଚାଷୀମାନେ ଖରିଫ ଋତୁରେ ଧାନ ଚାଷ କରିବା ପାଇଁ ଜମି ପ୍ରସ୍ତୁତ କରିପାରୁନାହାନ୍ତି। ଚାଷୀ ନୃସିଂହ ଚରଣ ନାୟକ ଓ ଗଣେଶ ନାୟକ ପ୍ରମୁଖଙ୍କ କହିବାନୁଯାୟୀ, ଏସବୁ ଗ୍ରାମର ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଶିଖର ଘାଟ -ବାଲି ଭଉଁରୀ ରାସ୍ତାର ସାଧୁ ଗୋସ୍ୱାମୀ ତୋରଣ ନିକଟରୁ ସାରେଇକୁଳ ପର୍ଯ୍ୟନ୍ତ ୪ଟି କଲଭର୍ଟ ନିର୍ମାଣ କରାଯାଇଛି। ପୂର୍ବରୁ କଲଭର୍ଟ ମାଧ୍ୟମରେ ଚାଷ ଜମିରୁ ଜଳ ନିଷ୍କାସିତ ହେଉଥିଲା। କିନ୍ତୁ କେତେଜଣ ଲୋକ ଉକ୍ତ କଲଭର୍ଟ ନିକଟରେ ମାଟି ପକାଇ ଜଳ ନିଷ୍କାସନ ପଥରୋଧ କରିଛନ୍ତି। ଫଳରେ ଚାଷୀମାନେ ଚାଷ କାର୍ଯ୍ୟ କରିପାରୁନାହାନ୍ତି। ତୁରନ୍ତ ସେଠାରୁ ମାଟି ଉଠାଯିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ. କଳ୍ପନା କହିଛନ୍ତି, ତଦନ୍ତ ପରେ ଆଗାମୀ ପଦକ୍ଷେପ ନିଆଯିବ।


ଶିଖର-ବାଲିଭଉଁରୀ ମୁଖ୍ୟରାସ୍ତାର ସାଧୁଗୋସ୍ୱାମୀ ନିକଟ ଜମିଗୁଡ଼ିକ ପାଣିରେ ବୁଡ଼ି ରହିଛି।

# ଲକ୍‌ଡାଉନ୍‌ରେ ବଢ଼ିଛି ମାଦକଦ୍ରବ୍ୟ କାରବାର

- ବାହାର ଜିଲାରୁ ଆସୁଛି ନକଲି ମଦ
- ବେଆଇନ ବ୍ରାଉନସୁଗାର, ଗଞ୍ଜେଇ କାରବାର ଆଶାତୀତ ବୃଦ୍ଧି

ଜଗତ୍‌ସିଂହପୁର ଅଫିସ, ୧୩।୬

କରୋନା ଭୂତାଣୁ (କୋଭିଡ୍-୧୯)ର ବ୍ୟାପକ ସଂକ୍ରମଣ ଯୋଗୁ ସାରା ରାଜ୍ୟ ସମେତ ଜଗତ୍‌ସିଂହପୁର ଜିଲାରେ ଲକ୍‌ଡାଉନ ନିୟମ କାର୍ଯ୍ୟକାରୀ ହୋଇଛି। ଏଥିଯୋଗୁ ଅତ୍ୟାବଶ୍ୟକ ଜିନିଷକୁ ବାଦ୍ ଦେଲେ ଅବଶିଷ୍ଟ ସାମଗ୍ରୀ ବିକ୍ରି ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ଚୋରା ମଦ କାରବାର ଉପରେ ଅଙ୍କୁଶ ଲାଗିପାରୁନାହିଁ। ଅନ୍ୟପକ୍ଷରେ ବଜାରରେ ଲାଇସେନ୍ସପ୍ରାପ୍ତ ଦୋକାନରେ ଖୋଲାଖୋଲି ଭାବେ ମଦ ବିକ୍ରି ଉପରେ କଟକଣା ଲଗିଛି। ଅନ୍‌ଲାଇନ୍‌ରେ ମଦ କାରବାର ପାଇଁ ଅନୁମତି ଦିଆଯାଇଛି। କେହି ମଦ କିଣିବାକୁ ଚାହିଁଲେ ଅନ୍‌ଲାଇନ୍‌ରେ ଆବେଦନ କଲେ ଦୋକାନୀ ତାଙ୍କ ନିକଟରେ ମଦ ପହଞ୍ଚାଇବା ବ୍ୟବସ୍ଥା କରିବେ। ଏ ନେଇ ମଦର ମୂଲ୍ୟ ସହ ଯେଉଁ ବ୍ୟକ୍ତି ଏହାକୁ ନେଇ ଯିବେ ତାଙ୍କ ଖର୍ଚ୍ଚ ଦେବାକୁ ପଡ଼ିବ। କିନ୍ତୁ ବାସ୍ତବ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ହେଉଛି। ବିନା ଡୋର ଡେଲିଭରିରେ ମଦ କାରବାର ଚାଲିଛି। ଦୋକାନୀ ଘରେ ପହଞ୍ଚାଇବାକୁ ସ୍ଥିରୀକୃତ ଟଙ୍କା ନେଉଥିଲେ ସୁଦ୍ଧା ନିର୍ଦ୍ଦିଷ୍ଟ ସ୍ଥାନରୁ ବିକ୍ରି କରି ବେସ୍ ଲାଭ ଉଠାଉଛନ୍ତି। କେବଳ ଏତିକି ନୁହେଁ, ସ୍ଥିରୀକୃତ ମଦର ମୂଲ୍ୟଠାରୁ ମଧ୍ୟ ଅଧିକ ନେଉଥିବା ଅଭିଯୋଗ ହେଉଛି। ଏହାବାଦ୍ ଅନଲାଇନ୍ ମାଧ୍ୟମରେ କେତେଜଣ ଲୋକ ମଦ କିଣିବାକୁ ଚାହୁନାହାନ୍ତି। ସେମାନେ ନିଜର ନାମ ଗୋପନ ରଖି ଅଧିକ ଟଙ୍କାରେ କ୍ରୟ କରୁଛନ୍ତି। ଏ ପରିସ୍ଥିତିରେ ଜିଲାରେ ନକଲି ମଦ କାରବାର ମଧ୍ୟ ବୃଦ୍ଧି ପାଇଛି। ଏହି ର୍‌ୟାକେଟ୍ ଜିଲାରେ ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। ସେହିପରି ବେଆଇନ ବ୍ରାଉନସୁଗାର ଓ ଗଞ୍ଜେଇ ଆଦି କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହାକୁ ନିୟନ୍ତ୍ରଣ କରା ନ ଗଲେ ଆଗକୁ ପରିସ୍ଥିତି ଜଟିଳ ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଜିଲା ଅବକାରୀ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୩୬ଟି ଅନ୍‌ଲାଇନ୍ ଶପ୍, ୧୯ ଅଫ୍‌ଲାଇନ ଶପ୍ ଓ ୧୧ଟି ଦେଶୀ ମଦ ଦୋକାନ ରହିଛି। ଏହାଛଡ଼ା ୭ ବିଦେଶୀ ଓ ୨ ଦେଶୀ ମଦ ଦୋକାନ ଉପରେ କଟକଣା ଲାଗୁ ହୋଇଥିଲା। କୋର୍ଟ ନିର୍ଦ୍ଦେଶ ପରେ ଏହି କଟକଣା ଉଚ୍ଛେଦ ହୋଇଛି। ଖୁବ୍‌ଶୀଘ୍ର ଏଗୁଡିକୁ ନିଲାମ କରାଯିବ। ସବୁଠୁ ବଡ କଥା ହେଲା ବିଦେଶୀ ମଦର ଅଭାବ ଦେଖି କେତେଜଣ ଅସାଧୁ ବ୍ୟକ୍ତି କଟକ ଓ ପୁରୀ ଜିଲା ପଟୁ ନକଲି ମଦ ଆଣି ବିକ୍ରି କରୁଥିବା ଶୁଣିବାକୁ ମିଳୁଛି। ସେମାନେ କଟକ ଜିଲାର ନିଆଳି ଓ ପୁରୀର ନୂଆହାଟ ପଟୁ ଏହି ନକଲି ମଦ ଆଣି ଜିଲାର ନାଉଗାଁ, ଜଗତ୍‌ସିଂହପୁର ଓ ବାଲିକୁଦା ଆଦି ଅଞ୍ଚଳରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ଯେତିକି ପରିମାଣର ବ୍ରାଉନସୁଗାର ବିକ୍ରି ହେଉଥିଲା ଏବେ ତାହା ବଢ଼ିଛି। ଗଞ୍ଜେଇ ଚୋରା ଚାଲାଣ କଥା ନ କହିଲେ ଭଲ। ଅବକାରୀ ବିଭାଗର କର୍ମଚାରୀ ଓ ଗାଡିର ଅଭାବ ଥିବାରୁ ସନ୍ତୋଷଜନକ ଚଢାଉ କରିହେଉ ନ ଥିବା କୁହାଯାଇଛି। କିନ୍ତୁ ଅବକାରୀ ବିଭାଗ ଓ ଚୋରା ମଦ କାରବାରକାରୀଙ୍କ ମଧ୍ୟରେ ସମ୍ପର୍କରେ ହେତୁ ଜିଲାରେ ଏହି କାରବାର ବଢିଚାଲିଛି ଅଭିଯୋଗ ହେଉଛି। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ମହାପାତ୍ର କହିଛନ୍ତି, ନକଲି ମଦ କାରବାର ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ତଥାପି ଅନୁଧ୍ୟାନ କରାଯିବ। କେହି ସୂଚନା ଦେଲେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଡୋର ଡେଲିଭରି ବାବଦ ନିର୍ଦ୍ଦିଷ୍ଟ ସ୍ଥାନରୁ ବିଦେଶୀ ମଦ ବିକ୍ରି ହେଉଥିବା ଶୁଣାଯାଉଛି। ଏସବୁ ଉପରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାପାତ୍ର କହିଛନ୍ତି।

